NATIONAL HEALTH MISSION
राष्ट्रीय स्वास्थ्य मिशन

tci THE CHALLENGE INITIATIVE
HEALTHY CITIES INDIA

## ବେସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଉପଯୋଗ




# ସହରାଞ୍ଚଳର ଗରିବ ଲୋକଙ୍କ ପରିବାର ନିୟୋଜନ ଆବଶ୍ୟକତାର ପୂରଣ ପାଇଁ ବେସରକାରୀ କ୍ଷେତ୍ରରେ ସେବା ପ୍ରଦାନକାରୀଙ୍କ ସଂଖ୍ୟାରେ ବୃଦ୍ଧି କରିବା

## ଲକ୍ଷ୍ୟ

ସହରାଞ୍ଚଳ ଗରିବ ଲୋକଙ୍କର ପରିବାର ନିୟୋଜନ ଆବଶ୍ୟକତା ପୂରଣ ପାଇଁ ବେସରକାରୀ କ୍ଷେତ୍ରକୁ ନିୟୋଜନ କରିବା ନିମନ୍ତେ ମାର୍ଗଦର୍ଶନ କରିବା ଏବଂ ସେହି ବେସରକାରୀ ହସପିଟାଲଗୁଡ଼ିକୁ ଅଧିସ୍ୱୀକୃତି ଦେବା, ତାଲିକାଭୁକ୍ତ କରିବା ଏବଂ ସେମାନେ ଯୋଗାଇଦେଇଥିବା ସେବା ପାଇଁ ଅର୍ଥପ୍ରଦାନ କରିବା ସହ ପରିବାର ନିୟୋଜନ ଇଣ୍ଡେମ୍ନିଟି ସ୍କିମ୍ ଜରିଆରେ ସେମାନଙ୍କୁ ଆଇନଗତ ସୁରକ୍ଷା ଦେବା।

## କାହା ପାଇଁ ଉଦ୍ଦିଷ୍ଟ

- ମୁଖ୍ୟ ଚିକିତ୍ସା ଓ ଜିଲ୍ଲା ଅଧିକାରୀ (ସିଏମଏଚଓ/ ସିଡିଏମଓ/ ସିଏମଓ)
- ନୋଡାଲ ଅଧିକାରୀ – ସହରାଞ୍ଚଳ ସ୍ୱାସ୍ଥ୍ୟ
- ନୋଡାଲ ଅଧିକାରୀ – ପରିବାର ନିୟୋଜନ
- ଜିଲା ପ୍ରକଳ୍ପ ପରିଚାଳକ
- ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନର ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀ
- ଏଫଓଜିଏସଆଇର କର୍ମକର୍ତ୍ତା।
- ଇଣ୍ଡିଆନ ମେଡିକାଲ ଆସୋସିଏସନର କର୍ମକର୍ତ୍ତା।


JOHNS HOPKINS BLOOMBERG SCHOOL of PUBLIC HEALTH | Bill & Melinda Gates Institute for Population and Reproductive Health | USAID FROM THE AMERICAN PEOPLE | Maternal and Child Survival Program | psi India

# ପୃଷ୍ଠଭୂମି

ସରକାରୀ ଓ ବେସରକାରୀ କ୍ଷେତ୍ର ମଧ୍ୟରେ ଅନେକ ତଫାତ୍ ରହିଛି । ଏଣୁ ବେସରକାରୀ କ୍ଷେତ୍ର, ସ୍ୱାସ୍ଥ୍ୟସେବା ଅନ୍ତର୍ଗତ ପରିବାର ନିୟୋଜନ ସେବା ଯୋଗାଇଦେବା ପାଇଁ ତୁରନ୍ତ ଆଗେଇ ଆସନ୍ତି ନାହିଁ। ପୁଣି ଏହି ବେସରକାରୀ ସେବା ପ୍ରଦାନକାରୀଙ୍କୁ ତାଲିକାଭୁକ୍ତ କରିବା ଏବଂ ସେମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରିବା ମଧ୍ୟ ଏକ ଜଟିଳ ଓ କଷ୍ଟକର ପ୍ରକ୍ରିୟା। ବେସରକାରୀ କ୍ଷେତ୍ରର ଏକ ମୁଖ୍ୟ ଚିନ୍ତା ହେଉଛି ଏଇଆ ଯେ ସେମାନେ ଯୋଗାଇ ଦେଇଥିବା ପରିବାର ନିୟୋଜନ ସେବା ପାଇଁ ତାଙ୍କ ପ୍ରାପ୍ୟ ବେଶ୍ ବିଳମ୍ବରେ ପାଆନ୍ତି। ପରିବାର ନିୟୋଜନ କ୍ଷେତ୍ରରେ ଗୁଣାତ୍ମକ ସେବା ପାଇବାକୁ ହେଲେ ଏହି ସବୁ ଦିଗରେ କାମ କରି ଏହାର ସମାଧାନ କରିବାର ଅଛି କାରଣ ସରକାର ଏକାଠି ସବୁ ଲୋକଙ୍କର ସେବାର ବୋଝକୁ ଉଠାଇ ପାରିବେ ନାହିଁ।

ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନମାନଙ୍କୁ ତାଲିକାଭୁକ୍ତ କରିବା ସହ ସେମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରିବା ଏକ ପ୍ରକ୍ରିୟା ଯାହା ଦ୍ୱାରା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବେସରକାରୀ କ୍ଷେତ୍ର ଠାରୁ ପରିବାର ନିୟୋଜନ ସେବା କିଣିବାକୁ ବେସରକାରୀ ଅନୁଷ୍ଠାନ ସହ ପାରସ୍ପରିକ ବୁଝାମଣା ଭି ିରେ ଚୁକ୍ତିବଦ୍ଧ ହୋଇଥାଏ। ପରିବାର ନିୟୋଜନ ସେବା ପ୍ରଦାନ କରିବା ଦିଗରେ ଏହି ବେସରକାରୀ ସେବା ପ୍ରଦାନକାରୀଙ୍କ ଭୂମିକା କ'ଣ ହେବ, ତାହା ଏହି ଚୁକ୍ତିରେ ଦର୍ଶାଯାଇଥାଏ । ପୁଣି ବେସରକାରୀ କ୍ଷେତ୍ରକୁ ଦେୟ ପ୍ରଦାନ କରିବାରେ ସରକାରୀ ଅନୁଷ୍ଠାନର ଦାୟିତ୍ୱ ଏବଂ ଦେୟ ପ୍ରଦାନ କରିବା ବେଳେ ସ ́ କ'ଣ ରହିବ (ଅଗ୍ରୀମ ପ୍ରଦାନ ଏବଂ ବକେୟା ପ୍ରଦାନ)ଏବଂ କେମିତି ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ କରାଯିବ ତାହା ମଧ୍ୟ ଏଥିରେ ଉଲ୍ଲେଖ ଥାଏ। ଏତଦ୍ବ୍ୟତୀତ ଅସ୍ତ୍ରୋପଚାର ହୋଇଥିବା ବ୍ୟକ୍ତି ବିଶେଷ କିପରି ମଜୁରୀ ବନ୍ଦ ଜନିତ କ୍ଷତି ପୂରଣ ପାଇବେ ତାହାକୁ ମଧ୍ୟ ଏହା ନିଶ୍ଚିତ କରିଥାଏ।

## ଅଧିସ୍ୱୀକୃତି ଏବଂ ତାଲିକାଭୁକ୍ତ କରିବା ପାଇଁ ସରକାରୀ ମାର୍ଗଦର୍ଶିକା

1. ପ୍ରତି ବ୍ଲକ୍ ପିଛା ସର୍ବନିମ୍ନ ଦୁଇଟି ଲେଖାଏଁ ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନକୁ ଅଧିସ୍ୱୀକୃତି ପ୍ରଦାନ କରାଯିବା ଦରକାର।
2. ଉ.ପ୍ର ରେ ପ୍ରତି ଟ୍ୟୁବକ୍ଟୋମି, ଏବଂ ଭାସେକ୍ଟୋମୀ ପାଇଁ ୩୦୦୦ ଟଙ୍କା ଲେଖାଏଁ  ଅଧିସ୍ୱୀକୃତ ପ୍ରାପ୍ତ ଅନୁଷ୍ଠାନକୁ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ଏଥିରୁ ୨୦୦୦ଟଙ୍କା ମହିଳା ଏବଂ ପୁରୁଷ ବନ୍ଧ୍ୟାକରଣ କରୁଥିବା ଅନୁଷ୍ଠାନକୁ ଦିଆଯାଏ। ଅନ୍ୟ ରାଜ୍ୟ ମାନଙ୍କରେ ଏହାର ପରିଣାମ ବଦଳି ପାରେ।
3. ଯେଉଁ ବ୍ୟକ୍ତି ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଏ ତାହାର ମଜୁରୀ ବନ୍ଦ ଜନିତ କ୍ଷତିପୂରଣ ନିମନ୍ତେ ୧୦୦୦ ଟଙ୍କା ପାଏ। ୟୁଜର୍ସ ଫି, ଔଷଧ ଖର୍ଚ୍ଚ, ଡ୍ରେସିଂ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଉପରୋକ୍ତ ବ୍ୟକ୍ତିଙ୍କୁ ଦେବାକୁ ପଡିବ ନାହିଁ।
4. ଅଧିସ୍ୱୀକୃତି ଏବଂ ତାଲିକାଭୁକ୍ତ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ୧୪୩ ଏବଂ ମିଶନ ପରିବାର ବିକାଶ କୁ ଦେଖାଯିବା ଦରକାର।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପରିବାର ନିୟୋଜନ ସେବା ଯୋଗାଇବାକୁ ତାଲିକାଭୁକ୍ତ ହୋଇଥିବା ଅନୁଷ୍ଠାନଗୁଡିକ ସରକାରଙ୍କର ପରିବାର ନିୟୋଜନ ଇଣ୍ଡେମ୍‌ନିଟି ସ୍କିମ୍ ଜରିଆରେ ବୀମାର ଅର୍ନ୍ତଭୁକ୍ତ ହେବାକୁ ସୁଯୋଗ ପାଇଥାନ୍ତି। ଏହି ଇଣ୍ଡେମ୍‌ନିଟି ସ୍କିମ୍‌ର ଲକ୍ଷ୍ୟ ହେଉଛି ଯେ ପରିବାର ନିୟୋଜନ ଅସ୍ତ୍ରୋପଚାର ହେଉଥିବା ବ୍ୟକ୍ତି ସହ ଡାକ୍ତର ଏବଂ ସ୍ୱାସ୍ଥ୍ୟାନୁଷ୍ଠାନ ( ସରକାରୀ, ବେସରକାରୀ ଏବଂ ଅଧିସ୍ୱୀକୃତ ବେସରକାରୀ ଅନୁଷ୍ଠାନ)ଙ୍କୁ ବୀମା ଭୁକ୍ତ କରାଇବା, ଯାହାଦ୍ୱାରା କି ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ଷେତ୍ରରେ ମୃତ୍ୟୁ ଜଟିଳତା ଏବଂ ବିଫଳତା ଆଦି କ୍ଷେତ୍ରରେ ଲୋକମାନଙ୍କୁ ବୀମା ରାଶି ପ୍ରଦାନ କରାଯାଇପାରିବ। ଏପରି କୋର୍ଟ କେସ କ୍ଷେତ୍ରରେ ମଧ୍ୟ ଏହା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଏହି ସୁରକ୍ଷା ବିଷୟରେ ଜାଣିଲେ ହିଁ ବେସରକାରୀ ସେବା ପ୍ରଦାନକାରୀଙ୍କୁ ପରିବାର ନିୟୋଜନ ସେବା ଯୋଗାଇ ଦେବା ପାଇଁ ପ୍ରୋତ୍ସାହିତ କରାଯାଇପାରିବ।

ପପୁଲେସନ ସର୍ଭିସେସ୍ ଇଣ୍ଟରନ୍ୟାସନାଲର ଇଏକ୍ୟୁ ପ୍ରକଳ୍ପ ଅଧୀନରେ ବେସରକାରୀ ସେବାପ୍ରଦାନକାରୀ ଏବଂ ଅନୁଷ୍ଠାନ ମାନଙ୍କର ତାଲିକାଭୁକ୍ତୀକରଣ ଏବଂ ଏମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରାଯିବା କାମ ଉତ୍ତରପ୍ରଦେଶର ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଏବଂ ଷ୍ଟେଟ ଇନୋଭେସନ ଇନ୍ ଫ୍ୟାମିଲି ପ୍ଲାନିଂ ସର୍ଭିସେସ୍ ପ୍ରୋଜେକ୍ଟ ଏଜେନ୍‌ସି ସହ ମିଳିତ ଭାବେ କରାଯାଇଥିଲା। ଏଥିପାଇଁ ଏକ ସରଳ, ଦ୍ରୁତ ଏବ ୱେବ୍‌ଭିତ୍ତିକ ପୋର୍ଟାଲର ସହାୟତା ନିଆଯାଇଥିଲା। (www.hausalasajheedari.in). ଏହି ପୋର୍ଟାଲ ମାଧ୍ୟମରେ ସେବା ପ୍ରଦାନକାରୀଙ୍କ ପାଇଁ ଏକ ସିଙ୍ଗଲ-ୱିଣ୍ଡୋ ସମାଧାନ ବ୍ୟବସ୍ଥା କରିବା ସହ ସେମାନଙ୍କର ଅଧିସ୍ୱୀକୃତି ଏବଂ ତାଲିକାଭୁକ୍ତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ।



# ଦୃଷ୍ଟାନ୍ତମୂଳକ ପ୍ରମାଣ

ନିମ୍ନ ସାରଣୀରୁ ଉ ରପ୍ରଦେଶ ସରକାରଙ୍କ *ହୌସଲା ସାଝେଦାରୀ* କାର୍ଯ୍ୟକ୍ରମ ଅଧୀନରେ ତାଲିକାଭୁକ୍ତ ହୋଇଥିବା ସେବାପ୍ରଦାନକାରୀ ଏବଂ ଅଧିସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ସଂଖ୍ୟା ବଢ଼ିବା ସହ ସେଗୁଡ଼ିକ ଦ୍ୱାରା କିପରି ପରିବାର ନିୟୋଜନ ସେବାର ବ୍ୟବହାର ବଢ଼ିଚି, ତାହା ଦର୍ଶାଯାଇଛି ।

| ସମୟସୀମା | ଅଧିସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ (ସଂଖ୍ୟାରେ) | ତାଲିକାଭୁକ୍ତ ସେବା ପ୍ରଦାନକାରୀଙ୍କ (ସଂଖ୍ୟାରେ) | ଏଫ୍ଏସ୍‌ଟି (ସଂଖ୍ୟାରେ) | (ଏନ୍ଏସ୍‌ଭି) (ସଂଖ୍ୟାରେ) | ଆୟୁସିଡି (ସଂଖ୍ୟାରେ) | ଡିଏମ୍‌ପିଏ (ସଂଖ୍ୟାରେ) |
|---|---|---|---|---|---|---|
| ଡିସେମ୍ବର ୨୦୧୫ | ୧୭୭ | ୧୭୬ | ୮୯୫୭ | ୨୦୫ | ୫୬୬ | ୮୩୧ |
| ଜାନୁୟାରୀ ୨୦୧୬ | ୪୯୪ | ୪୭୧ | ୨୬୯୫୯ | ୯୨୬ | ୧୧୨୯୯ | ୫୮୬୯ |
| ଡିସେମ୍ବର ୨୦୧୬ | ୬୯୧ | ୫୨୮ | ୪୬୮୦୯ | ୨୪୩୯ | ୪୫୫୪୬ | ୧୮୬୫୨ |
| ଜୁନ ୨୦୧୭ | ୭୯୬ | ୬୩୪ | ୭୧୫୬୬ | ୩୬୨୩ | ୭୬୨୬୭ | ୨୧୬୦୬ |

ତଥ୍ୟର ଉତ୍ସ:- *ହୌସଲା ସାଝେଦାରୀ* ୱେବ ପୋର୍ଟାଲ (ଡିସେମ୍ବର ୨୦୧୫ ରୁ ଜୁନ୍ ୨୦୧୭)

ୟୁଏଚ୍ଆଇ ପ୍ରକଳ୍ପରୁ ମିଳିଥିବା ଉଦାହରଣ ଅନୁଯାୟୀ ବରେଲୀ ସହରରେ ବେସରକାରୀ କ୍ଷେତ୍ରର ନିୟୋଜନ ଯୋଗୁଁ ସମସ୍ତ ସହରର ମୋଟ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାରର ଏକ ତୃତୀୟାଂଶ କେବଳ ଗୋଟିଏମାତ୍ର ବେସରକାରୀ ଅନୁଷ୍ଠାନରେ ହୋଇଥିଲା; ଯାହାକୁ ୨୦୧୩ରେ ଅଧିସ୍ୱୀକୃତି ମିଳିଥିଲା ।

# ବେସରକାରୀ ଅନୁଷ୍ଠାନର ତାଲିକା ପ୍ରସ୍ତୁତି ଏବଂ ଅଧିସ୍ୱୀକୃତି ପ୍ରକ୍ରିୟାକୁ ସୁଗମ କରିବାକୁ ମାର୍ଗଦର୍ଶନ

ଉ ର ପ୍ରଦେଶରେ ସରକାରଙ୍କ ଦ୍ୱାରା ବେସରକାରୀ ଅନୁଷ୍ଠାନର ତାଲିକା ପ୍ରସ୍ତୁତି ଏବଂ ଅଧିସ୍ୱୀକୃତି ପ୍ରକ୍ରିୟାକୁ ଏକ ୱେବ ପୋର୍ଟାଲ ଯାହାର ନାମ ହେଉଛି ହୌସଲା ସାଝେଦାରୀ ମାଧ୍ୟମରେ କରାଯାଉଛି । ଏହି ଯୋଜନା ଖାସ୍ କରି ଅଧିସ୍ୱୀକୃତି ଏବଂ ତାଲିକା ପ୍ରସ୍ତୁତି କରି ଖର୍ଚ୍ଚର ଭରଣା କୁ ସରଳ, ସହଜ ଏବଂ ସ୍ୱଚ୍ଛ କରିପାରିଛି ।

ଅନ୍ୟ ରାଜ୍ୟ ଗୁଡିକରେ ଏପରି ଯୋଜନା ତଥାପି ଆରମ୍ଭ ହେବାକୁ ବାକି ଥିବା ବେଳେ ନିମ୍ନ ଲିଖିତ କାର୍ଯ୍ୟକ୍ରମ ସବୁ ସିଏମଏଚଓ ନେଇ ପାରିଲେ ଅଧିସ୍ୱୀକୃତି ପାଇବା ଏବଂ ତାଲିକା ଭୁକ୍ତ ହେବା ପାଇଁ ବେସରକାରୀ ଅନୁଷ୍ଠାନ ଏବଂ ସେବାପ୍ରଦାନକାରୀ ମାନେ ଆଗ୍ରହ ପ୍ରକାଶ କରିବେ ।



ଅଧିସ୍ୱୀକୃତି ନିମନ୍ତେ ଆବେଦନ କରିବା ପାଇଁ ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ବେସରକାରୀ ସେବା ପ୍ରଦାନକାରୀ ଏବଂ ଏଫ୍.ଓ.ଜି.ସି.ଆଇ. ସଦସ୍ୟଙ୍କର ବୈଠକ ଡାକନ୍ତୁ ।



୨୫ଜଣ ବ୍ୟକ୍ତିଙ୍କର ବନ୍ଧ୍ୟାକରଣ ସେବା ପାଇଁ ଯେ ଆଗୁଆ ଅର୍ଥ (୭୫୦୦ ଟଙ୍କା ଯାଏ, କିନ୍ତୁ ଏତିକି ମୂଲ୍ୟର ବ୍ୟାଙ୍କ ଗ୍ୟାରେଣ୍ଟି ସହିତ) ଗ୍ରହଣ କରିହେବ ଏବଂ ବାକି ପଇସା ଠିକ୍ ସମୟରେ ଦିଆଯିବ, ସେ ବିଷୟରେ ବେସରକାରୀ ଅନୁଷ୍ଠାନମାନଙ୍କୁ ସୂଚନା ଦେବା ସହ ସେମାନଙ୍କୁ ଭରସା ଦିଆଯିବା ଆବଶ୍ୟକ । ବେସରକାରୀ ଅନୁଷ୍ଠାନର ପ୍ରତିନିଧିମାନଙ୍କ ଅନୁଷ୍ଠାନ ସବୁକୁ ଜନନୀ ସୁରକ୍ଷା ଯୋଜନା, ଜନସଂଖ୍ୟା ସ୍ଥିରତା କୋଷ ଆଦି କାର୍ଯ୍ୟକ୍ରମର ଅନୁଧ୍ୟାନ ପାଇଁ ଯାଉଥିବା ବେଳେ ପରିବାର ନିୟୋଜନ ସେବା ନିମନ୍ତେ ତାଲିକାଭୁକ୍ତ ହେବା ପାଇଁ ସେମାନଙ୍କ ଆଗ୍ରହ ବିଷୟରେ ପଚାରି ବୁଝନ୍ତୁ ।



ଅଧିସ୍ୱୀକୃତି ପ୍ରକ୍ରିୟାରେ ବେସରକାରୀ ଅନୁଷ୍ଠାନଗୁଡିକୁ ଅନୁରୋଧ ପତ୍ର ସହ ଆବେଦନ ପତ୍ର ଭରିବାରେ ସହାୟକ ହୁଅନ୍ତୁ । ବେସରକାରୀ ହସ୍‌ପିଟାଲ ଏବଂ କ୍ଲିନିକ୍‌କୁ ନିୟମିତ ବ୍ୟବଧାନରେ ଯେପରି ସିଏମ୍‌ଓ କାର୍ଯ୍ୟାଳୟର ଅଧିକାରୀମାନେ ନିୟମିତ ପରିଦର୍ଶନରେ ଯିବେ ଏବଂ ଅଧିସ୍ୱୀକୃତି ନିମନ୍ତେ ପ୍ରକ୍ରିୟା ଉପରେ ସ୍ପଷ୍ଟୀକରଣ ଦେବା ସହ ସେମାନଙ୍କୁ ଆବେଦନ କରିବାକୁ ପ୍ରୋତ୍ସାହିତ କରାଯାଇପାରିବ, ତାହା ସୁନିଶ୍ଚିତ କରନ୍ତୁ ।



ପ୍ରଦାନ କରାଯାଇଥିବା ପରିବାର ନିୟୋଜନ ସେବା ପାଇଁ ବେସରକାରୀ ସେବା ପ୍ରଦାନକାରୀଙ୍କୁ ସଠିକ୍ ସମୟରେ ଅର୍ଥ ପୈଠ କରନ୍ତୁ । ଏହା ସେମାନଙ୍କୁ ଉତ୍ସାହିତ କରିବ ।



ପୂର୍ବରୁ ଅଧିସ୍ୱୀକୃତି ପାଇ ସେବା ପ୍ରଦାନ କରି ସନ୍ତୁଷ୍ଟ ହୋଇଥିବା ସେବା ପ୍ରଦାନକାରୀ ଏବଂ ନୂଆ କରି ସେବା ପ୍ରଦାନ କରିବାକୁ ଆଗ୍ରହ ଦେଖାଇଥିବା ଅନୁଷ୍ଠାନଗୁଡିକ ମଧ୍ୟରେ କଥାବା ର୍ । ହେବାର ସୁଯୋଗ ସୃଷ୍ଟି କରନ୍ତୁ । ଆବେଦନ ପ୍ରକ୍ରିୟା ଯେପରି ସରଳ ଏବଂ ସହଜ ହେବ ତାହା ନିଶ୍ଚିତ କରନ୍ତୁ । ଆବେଦନ ପତ୍ର ମିଳିବାର ଦିନେ ଦୁଇ ଦିନ ମଧ୍ୟରେ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ କମିଟି ଯେପରି ଆବେଦନକାରୀଙ୍କ ଅନୁଷ୍ଠାନକୁ ଯାଇ ଦିନେ ଦୁଇ ଦିନ ମଧ୍ୟରେ ତାର ରିପୋର୍ଟ ପ୍ରଦାନ କରିବ, ତାହା ସୁନିଶ୍ଚିତ କରନ୍ତୁ । (ବେସରକାରୀ ନର୍ସିଙ୍ଗ୍ ହୋମ୍/ ଏନ୍‌ଜିଓ /ବେସରକାରୀ ମେଡିକାଲ ପ୍ରାକ୍‌ଟିସନର ଆକଳନ ଫର୍ମ ଏବଂ ଏନ୍‌ଏଚ୍‌ଏମ୍ ଏସ୍.ପି.ଏମ୍.ୟୁ. ଦ୍ୱାରା ଅଧିସ୍ୱୀକୃତି ନିମନ୍ତେ ଉଦ୍ଦିଷ୍ଟ ପତ୍ରକୁ ଦେଖନ୍ତୁ) ।




ଏ ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ଉ   ରଦାୟୀ କରିବାକୁ ଅନ୍‌ଲାଇନ୍ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

ଏହି ସବୁ ବିଷୟ ଉପରେ ମାର୍ଗଦର୍ଶିକାରେ ବିସ୍ତୃତ ରୂପେ ବର୍ଣ୍ଣନା କରାଯାଇଛି (ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପାଇଁ ବେସରକାରୀ ଅନୁଷ୍ଠାନ ଗୁଡିକର ଅଧିସ୍ୱୀକୃତି ନିମନ୍ତେ ମାର୍ଗଦର୍ଶିକାକୁ ଦେଖନ୍ତୁ) ।

ଭାରତ ସରକାରଙ୍କ ଦ୍ୱାରା ଅଧିସ୍ୱୀକୃତି ପ୍ରଦାନ ନିମନ୍ତେ କିପରି ପଦକ୍ଷେପ ନେବାକୁ ହେବ, ସେ ନେଇ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶାବଳୀ ୧୪ଏରେ ବିସ୍ତୃତ ଭାବେ ବର୍ଣ୍ଣନା ରହିଛି ।

## ବେସରକାରୀ ଅନୁଷ୍ଠାନର ତାଲିକା ପ୍ରସ୍ତୁତି ଏବଂ ଅଧିସ୍ୱୀକୃତି  ପ୍ରଦାନ କରିବା ଦିଗରେ ଭୂମିକା ଓ ଦାୟିତ୍ୱ

### ସିଏମ୍‌ଏଚ୍‌ଓ/ ସିଡିଏମ୍‌ଓ/ ସିଏମ୍‌ଓ

- ବେସରକାରୀ ଅନୁଷ୍ଠାନର ତାଲିକା ପ୍ରସ୍ତୁତି ଏବଂ ଅଧିସ୍ୱୀକୃତି ପ୍ରଦାନ ପାଇଁ ଯୋଜନା ଏବଂ ବଜେଟ୍ ପ୍ରସ୍ତୁତି କରନ୍ତୁ ।
- ଏହି ପ୍ରକ୍ରିୟାକୁ ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରନ୍ତୁ ।
- ଅଧିସ୍ୱୀକୃତି ଏବଂ ତାଲିକା ପ୍ରସ୍ତୁତି ପାଇଁ ବେସରକାରୀ ଅନୁଷ୍ଠାନ ଏବଂ ସେବା ପ୍ରଦାନକାରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରନ୍ତୁ ।
- ଏଥିପାଇଁ ଆବେଦନ କରିଥିବା ଅନୁଷ୍ଠାନ ଗୁଡିକର ଆକଳନ କରିବା ପାଇଁ ଜିଲା କ୍ୱାଲିଟି ଆସ୍ୟୁରାନ୍ସ କମିଟିକୁ ସହାୟତା ପ୍ରଦାନ କରନ୍ତୁ ।
- ସମୀକ୍ଷା କରି ଜିଲ୍ଲାସ୍ୱାସ୍ଥ୍ୟ ସମିତି ପାଖରୁ ଅଧିସ୍ୱୀକୃତିପାଇଁ ଅନୁମତି ଆଣନ୍ତୁ ।
- ଏଥିପାଇଁ ଆବଶ୍ୟକ ଥିବା ଅର୍ଥ ଯେପରି ଠିକ୍ ସମୟରେ ଖଲାସ ହେବ, ତାହା ନିଶ୍ଚିତ କରନ୍ତୁ ।

## ଜିଲା କାର୍ଯ୍ୟକ୍ରମ ପରିଚାଳକ

- ଜନନୀ ସୁରକ୍ଷା ଯୋଜନା ପାଇଁ ଅଧିସ୍ୱୀକୃତ ହୋଇଥିବା ସ୍ୱାସ୍ଥ୍ୟାନୁଷ୍ଠାନକୁ ପରିଦର୍ଶନରେ ଗଲା ବେଳେ ପରିବାର ନିୟୋଜନ ପାଇଁ ଅଧିସ୍ୱୀକୃତି ଏବଂ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରନ୍ତୁ।
- ଏହି ପ୍ରକ୍ରିୟାର ଅନୁଧାବନ କାର୍ଯ୍ୟାବଳୀ କରନ୍ତୁ ଏବଂ ସିଏମ୍‌ଏଚ୍‌ଓକୁ ଆବଶ୍ୟକୀୟ ସୂଚନା ସମୟ ସମୟରେ ଦିଅନ୍ତୁ।
- ଯଦି ଏହି ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକ ଆସୁଥାଏ, ତେବେ ତାହା ବିଷୟରେ ସିଏମ୍‌ଏଚ୍‌ଓଙ୍କୁ ଜଣାନ୍ତୁ।

## ବେସରକାରୀ ଅନୁଷ୍ଠାନ ଏବଂ ସେବା ପ୍ରଦାନକାରୀ

- ସମସ୍ତ କାଗଜପତ୍ର ସହ ଆବେଦନ ପତ୍ର ଦାଖଲ କରନ୍ତୁ।
- ଆକଳନ ପ୍ରକ୍ରିୟାରେ ଜିଲା କ୍ୱାଲିଟି ଆସ୍ୟୁରାନ୍ସ କମିଟିକୁ ସହାୟତା କରନ୍ତୁ।

## ଆଶା

- ସ୍ୱାସ୍ଥ୍ୟାନୁଷ୍ଠାନରେ ଥିବା ସୁବିଧା ଏବଂ ସେବାକୁ ଲୋକଙ୍କ ମଧ୍ୟରେ ପ୍ରଚାର କରନ୍ତୁ (ଅଧିସ୍ୱୀକୃତି ପାଇଲା ପରେ)।
- ଅଧିସ୍ୱୀକୃତପ୍ରାପ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ମିଳୁଥିବା ସେବା ବିଷୟରେ ନିଜର ମତାମତ ସମୟ ସମୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଦିଅନ୍ତୁ।



## ତଦାରଖ:- ଅଧିସ୍ୱୀକୃତି ଏବଂ ତାଲିକାଭୁକ୍ତ ହେବା ପାଇଁ ନିୟମିତ ବ୍ୟବଧାନରେ ପ୍ରକ୍ରିୟା ଉପରେ ନଜର ରଖନ୍ତୁ

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ତ୍ରୈମାସିକ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ ବୈଠକରେ ସମୀକ୍ଷା ବୈଠକ କରି ସିଏମ୍ଏଚ୍ଓ/ ସିଡିଏମ୍ଓ/ ସିଏମ୍ଓ ନିମ୍ନଲିଖିତ ସୂଚକାଙ୍କ ଉପରେ ସୂଚନା ପାଇବା ପାଇଁ  ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଏବଂ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ କମିଟିକୁ ଅନୁରୋଧ କରି ପାରନ୍ତି ।

- ଗତମାସରେ ଅଧିସ୍ୱୀକୃତି ପାଇଁ କେତେଜଣ ଆବେଦନକାରୀ ଆବେଦନ ପତ୍ର ଦେଇଥିଲେ ।
- ଅଧିସ୍ୱୀକୃତି ଏବଂ ତାଲିକାଭୁକ୍ତ ହେବା ପାଇଁ ଆସିଥିବା ଅନୁଦାନ ପତ୍ର ମଧ୍ୟରୁ କେତୋଟି  ସଂପୂର୍ଣ୍ଣ ଆବେଦନ ଜିଲ୍ଲା ସ୍ୱାସ୍ଥ୍ୟ ସମିତିରେ ଦାଖଲ ହୋଇଛି ।
- ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ କମିଟିର ସଦସ୍ୟମାନେ କେତୋଟି ଅନୁଷ୍ଠାନକୁ ପରିଦର୍ଶନ କିମ୍ବା ଆକଳନରେ ଯାଇଛନ୍ତି ।
- କେତୋଟି ଅଧିସ୍ୱୀକୃତି ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅନୁମତି ଦେଇଛି ।
- ଅଧିସ୍ୱୀକୃତିର ନବୀକରଣ ପାଇଁ କେତୋଟି ଆବେଦନ ଆସିଛି, ଆଉ କେତୋଟିକୁ ନବୀକରଣ ଅନୁମତି ମିଳିଛି ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେତୋଟି ଆବେଦନ ପତ୍ରର ବିଚାର କରାଯାଇଛି ।
- ଗୋଟିଏ ବର୍ଷ ମଧ୍ୟରେ କେତେଜଣ ବେସରକାରୀ ସେବା ପ୍ରଦାନକାରୀ ଏବଂ ଅନୁଷ୍ଠାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରାଯାଇଛି (ଚୁକ୍ତି ହେବା, ସେବା ପ୍ରଦାନ ପାଇଁ ଅଧିସ୍ୱୀକୃତି ପତ୍ର ପ୍ରଦାନ କରିବା, ରିପୋର୍ଟିଂ ଫର୍ମାଟ୍ ପ୍ରଦାନ କରିବା, ବେସରକାରୀ ଅନୁଷ୍ଠାନକୁ ଅଗ୍ରୀମ ଅର୍ଥ ପ୍ରଦାନ କରିବା ସହ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକଙ୍କ ଦ୍ୱାରା ଉପଯୁକ୍ତ ରେକର୍ଡ ରଖିବା ପାଇଁ ଉକ୍ତ ଅନୁଷ୍ଠାନ ସବୁକୁ ତାଲିମ୍ ପ୍ରଦାନ କରିବା) ।
- କେତେଜଣ ସେବା ପ୍ରଦାନକାରୀ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏହି ସେବା ପାଇଁ ଅନୁବନ୍ଧିତ ହୋଇ ପାରିଲେ ନାହିଁ ଏବଂ କେଉଁ କାରଣପାଇଁ ସେମାନେ ଅନୁବନ୍ଧିତ ହୋଇପାରିଲେ ନାହିଁ ତାହାର ସୂଚନା ଦେବା ଆବଶ୍ୟକ  । ଏପରି କରାଗଲେ ସେମାନଙ୍କ ସେବାର ଗୁଣାତ୍ମକତା ବୃଦ୍ଧି କରିବା ପାଇଁ ପରବ ୀ ସମୟରେ ସେମାନେ ଯତ୍ନଶୀଳ ହେବା ସହ ସେମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରିବା ସହଜ ହେବ  ।
- ଏହି ସବୁ ସେବା ପ୍ରଦାନକାରୀମାନଙ୍କ ଠାରୁ କେତେ ଜଣ ଲୋକ ପରିବାର ନିୟୋଜନ ସେବା ନେଲେ ।
- ସେବା ପାଇଥିବା ଲୋକମାନଙ୍କ ମଧ୍ୟରୁ କେତେ ପ୍ରତିଶତଙ୍କ ଠାରୁ ଟେଲିଫୋନ୍ କିମ୍ବା ଅନ୍ୟ ମାଧ୍ୟମରେ ସେବାର ଗୁଣାତ୍ମକତାକୁ ନେଇ ସିଏମ୍ଓ/ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ୍ କମିଟି ମାଧ୍ୟମରେ ପ୍ରତିକ୍ରିୟା ନିଆଗଲା ।
- ସେବା ପ୍ରଦାନ ଜନିତ ଖର୍ଚ୍ଚର ଭରଣା ପାଇଁ ବେସରକାରୀ ସେବା ପ୍ରଦାନକାରୀଙ୍କ ଠାରୁ ମିଳିଥିବା ଅନୁରୋଧଗୁଡ଼ିକ ମଧ୍ୟରୁ କେତୋଟିକୁ ୪୫ ଦିନ ମଧ୍ୟରେ ଅର୍ଥ ପ୍ରଦାନ କରାଯାଇଛି ।
- ଉ   ରପ୍ରଦେଶରେ ଥିବା ଅନୁଷ୍ଠାନ ମାନଙ୍କ ମଧ୍ୟରୁ କେତୋଟି ଅଧିସ୍ୱୀକୃତିର ନବୀକରଣ ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି ।

## ବ୍ୟୟ ବରାଦ

ଚଳିତ ବର୍ଷର ପି.ଆଇ.ପି.ରେ ଅଧିସ୍ୱୀକୃତି ନିମନ୍ତେ ବ୍ୟୟବରାଦ ପାଇଁ ବ୍ୟବସ୍ଥା ଥାଇପାରେ । ଯଦି ନଥିବ, ତେବେ ଆଗାମୀ ବର୍ଷର ପି.ଆଇ.ପି.ରେ ସେଥି ନିମନ୍ତେ ଅନୁରୋଧ କରାଯାଇପାରେ ।

ଆବେଦନ ପତ୍ର ଗ୍ରହଣ କରିବା ନିମନ୍ତେ ଦିଆଯିବାକୁ ଥିବା ବିଜ୍ଞାପନ ପାଇଁ ଅତିରିକ୍ତ ଅର୍ଥର ଆବଶ୍ୟକତା ପଡିପାରେ ଏବଂ ଏଥିପାଇଁ ପିଆଇପି ମାଧ୍ୟମରେ ଅତିରିକ୍ତ ଭାବେ ବ୍ୟବସ୍ଥା କରାଯିବା ଆବଶ୍ୟକ ।

ଏହି ଠାରେ ଦିଆ ଯାଇଥିବା ଟେବୁଲଟିରେ ସରକାରୀ ପି.ଆଇ.ପି.ରେ କିଭଳି ବ୍ୟୟବରାଦ କରାଯାଏ ତାହା ଦର୍ଶାଯାଇଛି । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବାକୁ ଯାଇ କିପରି ବ୍ୟୟ ବରାଦ କରାଯାଏ ତାହା ଏଠାରେ ଦର୍ଶାଯାଇଛି । ଏଠାରେ ପରିବାର ନିୟୋଜନ ପାଇଁ ବେସରକାରୀ କ୍ଷେତ୍ରର ନିୟୋଜନକୁ ଉଦାହରଣ ଭାବେ ନିଆଯାଇଛି ।

| ବ୍ୟୟ ବରାଦ | ଏଫଏମଆର କୋଡ |
|---|---|
| ଅଧିସ୍ୱୀକୃତି ନିମନ୍ତେ ପ୍ରକ୍ରିୟା/ ବେସରକାରୀ ସେବା ପ୍ରଦାନକାରୀଙ୍କୁ ସୂଚୀଭୁକ୍ତ କରିବା, ପରିବାର ନିୟୋଜନ ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନ, ସେବା ପ୍ରଦାନକୁ ସୁଦୃଢ଼ କରିବା ସହିତ ବେସରକାରୀ ସେକ୍ଟରର ଭାଗିଦାରିତାକୁ ବୃଦ୍ଧି କରିବା | ୧୫.୧.୧ |
| ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏବଂ ସେବା ପ୍ରଦାନକାରୀଙ୍କୁ ପରିବାର ନିୟୋଜନ ତାଲିମ ଏବଂ କ୍ୱାଲିଟି ଆସୁରାନ୍ସ କାର୍ଯ୍ୟକ୍ରମରେ ସାମିଲ କରାଇବା | ୧.୨.୨.୧.ଏ ଏବଂ ୧.୨.୨.୧.ବି; ୧.୨.୨.୨.ଏ ରୁ ୧.୨.୨.୨.ଡି |
| ବେସରକାରୀ ସେବା ପ୍ରଦାନକାରୀଙ୍କ ପରିବାର ନିୟୋଜନ ତାଲିମ ଏବଂ କ୍ୱାଲିଟି ଆସୁରୀାନ୍ସ କାର୍ଯ୍ୟକ୍ରମରେ ସାମିଲ କରାଇବା | ୧୩.୧.୨; ୯.୫.୩.୨; ୯.୫.୩.୪; ୯.୫.୩.୭; ୯.୫.୩.୧୦; ୯.୫.୩.୨୭ |

# ନିରନ୍ତରତା

ନିମ୍ନଲିଖିତ କାର୍ଯ୍ୟକ୍ରମ ଦ୍ୱାରା ଦୀର୍ଘ ସମୟ ଯାଏ ପରିବାର ନିୟୋଜନ ସେବା ପ୍ରଦାନ କରିବା ପାଇଁ ବେସରକାରୀ କ୍ଷେତ୍ରର ସେବା ପ୍ରଦାନକାରୀଙ୍କ ମଧ୍ୟରେ ଆଗ୍ରହ ଏବଂ ପ୍ରତିଶ୍ରୁତିବଦ୍ଧତାକୁ ଧରି ରଖାଯାଇପାରିବ ଏବଂ ଏହା ଦ୍ୱାରା ସେପ୍ରକାର ସେବାକୁ ଅନୁଷ୍ଠାନଗତ କରିବା ସହ ଏହାର ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ।

ମାସିକ ସିଏମ୍ଏଚ୍ଓ ବୈଠକରେ ଏହି ସବୁ କାର୍ଯ୍ୟକ୍ରମଗୁଡିକର ଯୋଜନା ଏବଂ ପର୍ଯ୍ୟବେକ୍ଷଣ ଆଦିକୁ ନେଇ ଆଲୋଚନା।

ସମସ୍ତ ଅଧିସ୍ୱୀକୃତ ସ୍ୱାସ୍ଥ୍ୟାନୁଷ୍ଠାନଗୁଡିକ ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ନବୀକରଣ ପାଇଁ ଆବେଦନ କରିବାକୁ ଜିଲ୍ଲା ପ୍ରକଳ୍ପ ପରିଚାଳକ ମାଧ୍ୟମରେ ଉତ୍ସାହ ପ୍ରଦାନ।

ସ୍ୱାସ୍ଥ୍ୟାନୁଷ୍ଠାନ ଏବଂ ଏଠାରୁ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ନିମିତ୍ତ ସିଏମ୍ଏଚ୍ଓ/ ସିଡିଏମ୍ଓ/ ସିଏମ୍ଓ/ ଡିପିଏମ୍ମାନେ ପ୍ରତିବର୍ଷ ଏହାକୁ ପି.ଆଇ.ପି.ରେ ସାମିଲ କରିବା ଆବଶ୍ୟକ।

ବେସରକାରୀ ସ୍ତରରେ ଉଚ୍ଚମାନର ପ୍ରଦର୍ଶନ କରୁଥିବା ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମୟାନୁସାରେ ଏମାନଙ୍କୁ ଅର୍ଥ ପ୍ରଦାନ କରିବା ଦରକାର । ସେହିପରି ଅଧିସ୍ୱୀକୃତିକୁ ନବୀକରଣ କରିବାର ମାନଦଣ୍ଡ ଏବଂ ସ ର୍ ସବୁ ସ୍ୱଚ୍ଛ ରହିବା ଦରକାର।



## ଉପଲବ୍ଧ ସମ୍ବଳ

- ପରିବାର ନିୟୋଜନ ଇଣ୍ଡେମ୍‌ନିଟି ସ୍କିମ୍ – ୨ୟ ସଂସ୍କରଣ-୨୦୧୬
- ଅଧିସ୍ୱୀକୃତିକୁ ନେଇ ସରକାରୀ ନିର୍ଦ୍ଦେଶନାମା ୧୪୩ ଉତ୍ତରପ୍ରଦେଶ ସରକାର
- ମିଶନ୍ ପରିବାର ବିକାଶକୁ ନେଇ ସରକାରୀ ନିର୍ଦ୍ଦେଶନାମା ଉତ୍ତରପ୍ରଦେଶ ସରକାର
- ଆରସିଏଚ ସେବା ପ୍ରଦାନ ପାଇଁ ବେସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନର ଅଧିସ୍ୱୀକୃତି ପାଇଁ ମାର୍ଗଦର୍ଶିକା
- *ହୌସ୍‌ଲା ସାଝେଦାରୀ* ପାଇଁ ୱେବ୍ ପୋର୍ଟାଲ ଲିଙ୍କ୍ (www.hausalasajheedari.in)
- ଜନନୀ ସୁରକ୍ଷା ଯୋଜନା- କାର୍ଯ୍ୟକ୍ରମ ପରିଚାଳନା ପାଇଁ ମାର୍ଗଦର୍ଶିକା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ
- ଜନସଂଖ୍ୟା ସ୍ଥିରତାକୋଷ ମାର୍ଗଦର୍ଶିକା (JSK_Santushti)
- ବେସରକାରୀ ନର୍ସିଙ୍ଗ ହୋମ୍,ଏନ୍‌ଜିଓ / ବେସରକାରୀ ଡାକ୍ତରମାନଙ୍କ ପାଇଁ ମୂଲ୍ୟାୟନ ଫର୍ମ
- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନରୁ ମିଳିଥିବା ଅଧିସ୍ୱୀକୃତି ପତ୍ର
- ଆର୍.ଓ.ପି. ୨୦୧୬–୧୭ ଏନ୍.ଏଚ୍.ଏମ୍.–ୟୁ.ପି.
- ଆର.ଓ.ପି. ୨୦୧୭–୧୮ ଏନ୍.ଏଚ୍.ଏମ୍.–ୟୁ.ପି.

**ସ୍ୱୀକାରୋକ୍ତି:-**

ଏହି ଲେଖାଟି ଅର୍ବାନ୍ ହେଲ୍‌ଥ୍ ଇନିସିଏଟିଭ୍‌ସ(ବି.ଏମ୍.ଜି.ଏଫ୍. ଦ୍ୱାରା ସହାୟତାପ୍ରାପ୍ତ), ହେଲ୍‌ଥ ଅଫ୍ ଦ ଅର୍ବାନ୍ ପୁଅର(ୟୁଏସ୍‌ଏଡ୍ ଦ୍ୱାରା ସହାୟତାପ୍ରାପ୍ତ) ଏବଂ ଏକ୍ସପାଣ୍ଡେଡ ଆକ୍ସେସ ଏଣ୍ଡ କ୍ୱାଲିଟି ଟୁ ବ୍ରଡେନ୍ ମେଥଡ୍ ଚଏସ୍ ଇନ ଉତ୍ତରପ୍ରଦେଶ (ବି.ଏମ୍.ଜି.ଏଫ୍. ଦ୍ୱାରା ସହାୟତାପ୍ରାପ୍ତ) ଦ୍ୱାରା ସଂଗୃହୀତ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଏବଂ ଅଭିଜ୍ଞତା ସବୁକୁ ଏକାଠି କରି ପ୍ରସ୍ତୁତ କରାଯାଇଛି । ଏହି ଲେଖାଟି କେବଳ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ମାର୍ଗଦର୍ଶନ ହେବ ଏବଂ ଏହି ଲେଖାଟି ପୂର୍ବ ନିର୍ଦ୍ଧାରିତ ପ୍ରଥା ଦ୍ୱାରା ପ୍ରଭାବିତ ନୁହେଁ ବରଂ ଏହି ନିର୍ଦ୍ଦିଷ୍ଟ ବିଷୟଟିକୁ କେବଳ ଉପରୋକ୍ତ ପ୍ରକଳ୍ପରେ କିପରି କାମରେ ଲଗାଯାଇ ଅନ୍ୟ ସ୍ଥାନରେ ସମ୍ଭାବ୍ୟ ରୂପେ ଗ୍ରହଣୀୟ କରାଯିବାର ଚେଷ୍ଟା କରାଯାଇଛି ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ।

FOR FURTHER DETAILS, PLEASE CONTACT:
POPULATION SERVICES INTERNATIONAL
C-445, Chittaranjan Park, New Delhi, Delhi 110019